# Akashvani, Sambalpur

## SAMBALPURI NEWS EVENING BULLETIN

### 21 December 2025- 7.02 pm- 7.12 pm.

*********************************************

୧- ବିକଶିତ୍ ଭାରତ୍ - ନିଶ୍ଚିତ୍ ରୋଜ୍‌ଗାର୍ ଆଜୀବିକା ମିଶନ୍ ଗ୍ରାମୀଣ-ଭି.ବି. ଜି. ରାମ୍. ଜି ବିଲ୍-୨୦୨୫ କେ ଅନୁମୋଦନ୍ କଲେ ରାଷ୍ଟ୍ରପତି ।

୨- ସୀମା ସୁରକ୍ଷା ବଳ-ବିଏସ୍‌ଏଫ୍ ଥି କନ୍‌ଷ୍ଟେବଲ୍ ନିଯୁକ୍ତି ଲାଗି ୫୦ ପ୍ରତିଶତ୍‌କେ ବଢ଼୍‌ଲା ଆଘର୍ ଅଗ୍ନିବୀର୍ ମାନ୍‌କର୍ କୋଟା ।

୩- ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଝାର୍‌ସୁଗୁଡ଼ା ଜିଲ୍ଲା ନ ଓପିଜିସିର ସମ୍ପ୍ରସାରଣ୍ ବାବ୍‌ଦେ କଲେ ସମୀକ୍ଷା ।

ଆଉର୍

୪- ରାଏଜେ ଜାରି ରହିଛେ ଶୀତ୍ ।

- ଆଏବା ୭ ଦିନ୍‌ତକ୍ ନାଇଁ ବଦ୍‌ଲେ ରାତିର୍ ତାପମାତ୍ରା- ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ।

ଭି.ବି. ଜି. ରାମ୍. ଜି ବିଲ          ପି.ଆଇ.ବି.

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ -ବିକଶିତ୍ ଭାରତ୍ - ନିଶ୍ଚିତ୍ ରୋଜ୍‌ଗାର୍ ଆଜୀବିକା ମିଶନ୍ ଗ୍ରାମୀଣ-ଭି.ବି. ଜି. ରାମ୍. ଜି ବିଲ୍-୨୦୨୫ କେ ଅନୁମୋଦନ୍ କରିଛନ୍ । ଇ ବାବ୍‌ଦେ ଗେଜେଟ୍ ବିଜ୍ଞପ୍ତି ବାହାରିଛେ । ଇ ଆଇନ୍ ଗ୍ରାମୀଣ୍ ନିଯୁକ୍ତି ନୀତିଥି ଗୁଟେ ବଡ଼ ପରିବର୍ତନ୍ ଆନ୍‌ବା । ଇ ଆଇନ୍ ଫି ଗ୍ରାମୀଣ୍ ପରିବାର୍ ଲାଗି ଆର୍ଥିକ୍ ବଛ୍‌ରେ ମଜୁରୀ ନିଯୁକ୍ତିର୍ ବୈଧାନିକ୍ ଗେରେଂଟିକେ ଶହେ ୨୫ ଦିନ୍‌ତକ୍ ବଢ଼େଇଛେ । ଇତାର୍ ଜରିଏ ଗୁଟେ ସମୃଦ୍ଧ, ସକ୍ଷମ୍, ଆତ୍ମନିର୍ଭରଶୀଲ୍ ଗ୍ରାମୀଣ୍ ଭାରତ୍‌ର ନିହି ବର୍‌କସ୍ ହେଇପାର୍‌ବା । ଆଘୋନୁ ସଂସଦ୍ ନ ଭି.ବି. ଜି. ରାମ୍. ଜି ବିଲ୍-୨୦୨୫ ପାରିତ୍ ହେଇଥିଲା । ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ୍ ନିଯୁକ୍ତି ଗେରେଂଟି ଆଇନ୍ ୨୦୦୫ କେ ବଦ୍‌ଲାଯାଇକରି ଇ ଆଇନ୍ ଅନାଯାଇଛେ । ୨୦୪୭ ମସିହାତକ୍ ବିକଶିତ୍ ଭାରତ୍‌ର ସପନ୍ ପୁରା କର୍‌ବାର୍ ସହେତେ ଗ୍ରାମୀଣ୍ ଜୀବିକାକେ ବର୍‌କସ୍ କର୍‌ବାର୍ ଲାଗି ଗୁଟେ ଆଧୁନିକ୍ ବୈଧାନିକ୍ ଢାଂଚା ଦେବା ।

ଅଗ୍ନିବୀର୍      ଏନ୍‌ଏସ୍‌ଡି

ସୀମା ସୁରକ୍ଷା ବଳ ବିଏସ୍ଏଫ୍‌ଥି କନ୍‌ଷ୍ଟେବଲ୍ ନିଯୁକ୍ତି ଲାଗି ଆଘର୍ ଅଗ୍ନିବୀର ମାନ୍‌କର୍ କୋଟାକେ ୫୦ ପ୍ରତିଶତ୍ ବଢ଼ାଯାଇଛେ । ଆଘୋନୁ ଇଟା ୧୦ ପ୍ରତିଶତ୍ ଥିଲା । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତର୍‌ଫୁ ବାହାରିଥିବା ବିଜ୍ଞପ୍ତି ଅନ୍‌ସାରେ ପହେଲା ବେଚ୍ ଅଗ୍ନିବୀର୍‌ଙ୍କର୍ ଲାଗି ସର୍ବୋଚ୍ଚ ବୟସ୍ ସୀମା ୫ ବଛର୍ ଆଉ ତାର୍ ପଛର୍ ଅଗ୍ନିବୀର୍ ମାନ୍‌କର୍ ଲାଗି ୩ ବଛର୍ କୋହଲ୍ କରାଯାଇଛେ । ଆଘର୍ ଅଗ୍ନିବୀର୍ ମାନ୍‌କର୍ ଲାଗି ଶାରୀରିକ୍ ମାନଦଣ୍ଡ ଆଉ ଦକ୍ଷତା ପରୀକ୍ଷା ନାଇଁ କରାଯାଏ ବଲି ବିଜ୍ଞପ୍ତିଥି କୁହାଯାଇଛେ । ସୀମା ସୁରକ୍ଷା ବାହିନୀ ଅଣ ଗେଜେଟେଡ୍ ସାଧାରଣ୍ ଡ୍ୟୁଟି କେଡ଼ର୍ ନିଯୁକ୍ତି ନିୟମ୍ ୨୦୧୫ଥି ଇଥିର୍‌ଲାଗି ଜରୁରୀ ସଂଶୋଧନ୍ କରାଯାଇଛେ ।

ରେଲଭଡ଼ା ଏନ୍ଏସ୍‌ଡି

ଭାରତୀୟ ରେଲ୍‌ବାଇ ତର୍‌ଫୁ ଯାତ୍ରୀଭଡ଼ା ବଢ଼ାବାର୍‌କେ ନିଷ୍ପତି ନିଆଯାଇଛେ । ବଢ଼ିଥିବା ଭଡ଼ା ଆଏବା ୨୬ ତାରିଖ୍‌ନୁ ଲାଗୁ ହେବା । ସାଧାରଣ୍ ଶ୍ରେଣୀଥି ୨ ଶହ ୧୫ କିଲୋମିଟର୍ ତକ୍ ଯାତ୍ରା ଲାଗି ଭଡ଼ାଥି କେନ୍‌ସି ପରିବର୍ତନ୍ କରାନାଇଁଯାଇ । ଇତାର୍ ଉତ୍‌ରୁ କିଲୋମିଟର୍ ପିଛା ଭଡ଼ା ୧ ପଏସା ବଢ଼୍‌ବା । ମେଲ୍ ଆଉ ଦ୍ରୁତଗାମୀ ଟ୍ରେନ୍‌ର ନନ୍ ଏସି ଆଉ ଏସି ଶ୍ରେଣୀ ଲାଗି ଭଡ଼ା କିଲୋମିଟର୍ ପିଛା ୨

ପଏସା ବଢ଼ିଛେ । ନନ୍ ଏସି ଶ୍ରେଣୀଥି ୫ ଶହ କିଲୋମିଟର୍‌ତକ୍ ଯାତ୍ରା ଲାଗି ଯାତ୍ରୀମାନ୍‌କୁ ୧୦ ଟଙ୍କା ଅଏତ୍‌କା ଦେବାର୍‌କେ ପଡ଼୍‌ବା ବଲି ରେଲ୍‌ବାଇ ତର୍‌ଫୁ କୁହାଯାଇଛେ । ଇ ଭଡ଼ା ବଢ଼ିଥିବାର୍‌ନୁ ପାଖାପାଖି ୬ ଶହ କୋଟି ଟଙ୍କାର୍ ରାଜସ୍ୱ ଆଦାୟ ହେବା ବଲି ଆଶ୍ କରାଯାଉଛେ । ରେଲ୍‌ମନ୍ତ୍ରଣାଲୟ କହିଛେ, ଗଲା ଦଶନ୍ଧି ଭିତ୍‌ରେ ଦେଶେ ରେଲ୍ ଯୋଗାଯୋଗ୍ ଆଉ କାର୍ଯ୍ୟ ପରିସର୍ ଖୋବ୍‌ଟେ ବଢ଼ିଛେ । ଯାତ୍ରୀମାନ୍‌କର୍ ସୁଗମ୍ ଯାତ୍ରା ଲାଗି ରେଲ୍‌ବାଇ ତର୍‌ଫୁ ଭିନ୍ ଭିନ୍ ସୁରକ୍ଷାମୂଲକ୍ ପଦକ୍ଷେପ୍ ନିଆଯାଉଛେ । ରେଲ୍‌ଥି ମାଲ୍ ପରିବହନ୍ କ୍ଷେତ୍ରଥି ଭାରତ୍ ପୁର୍‌ଥିର୍ ୨ ନମ୍ବର୍ ରାଷ୍ଟ୍ରର୍ ମାଏନ୍‌ତା ପାଇଛେ । ମାନବ୍ ସମ୍ବଲ୍ ଆଉ ଅଲ୍‌ଗା ଖର୍ଚ୍ଚାକେ ନଜର୍‌ଥି ରଖିକରି ଇ ଯାତ୍ରୀଭଡ଼ା ବଢ଼ାଯାଇଛେ ବଲି ମନ୍ତ୍ରଣାଲୟ ତର୍‌ଫୁ କୁହାଯାଇଛେ ।

କେନ୍ଦ୍ର କୃଷିମନ୍ତ୍ରୀ - ସାର୍        ଏନ୍‌ଏସ୍‌ଡି

ଚାଷ୍ ଆଉ ଚାଷୀମାନ୍‌କର୍ କଲ୍ୟାଣ୍ ଲାଗି ନକ୍‌ଲି ସାର୍ ଆଉ କିଟନାଶକ୍ ବେଭାର୍ ବନ୍ଦ୍ କର୍‌ବାର୍ ଲାଗି ସଂସଦ୍‌ର ଆଏବା ଅଧିବେଶନ୍‌ଥି କେନ୍ଦ୍ର ସର୍‌କାର୍ ବିଧେୟକ୍ ଆଗତ୍ କର୍‌ବେ ବଲି କୃଷିମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍ କହିଛନ୍ । ଶ୍ରୀ ଚୌହାନ୍ କହିଛନ୍, ଇ ବାବ୍‌ଦେ କଡ଼ା ଆଇନ୍ ଲାଗୁ

କରାଯିବା ଆଉ ଅସାଧୁ ବେପାରୀମାନ୍‌କର୍ ବିରୋଧ୍‌ରେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ନୂଆଦିଲ୍ଲୀ ନ ଚୌଧୁରୀ ଚରଣ୍ ସିଂ କିଷାନ୍ ସମ୍ମାନ୍ ଉତ୍ସବ୍‌ରେ ଉଦ୍‌ବୋଧନ୍ ଦେଇକରି ସେ କହିଛନ୍, ଚାଷ୍ କ୍ଷେତ୍ର‌ରେ ହେଉଥିବା ଭିନ୍ ଭିନ୍ ନକ୍‌ଲି କାର୍‌ବାର୍ ଲାଗି ସର୍‌କାର୍ ସଚେତନ୍ ଅଛନ୍ ଆଉ କଡ଼ା ପଦକ୍ଷେପ୍ ନେବାର୍ ଲାଗି ଭିଲ୍ ପ୍ରସ୍ତୁତ୍ ହେଉଛନ୍ । ନକ୍‌ଲି ସାର୍ କୀଟନାଶକ୍ ଆଉ ଫସଲ୍‌ରେ ବେଭାର୍ ହେଉଥିବା ଅଲ୍‌ଗା କେତେଟା ଦରବ୍‌ର ବିକ୍ରି ଆଉ ବେଭାର୍‌କେ ନେଇକରି ମନ୍ତ୍ରୀ ଶ୍ରୀ ଚୌହାନ୍ ଚିନ୍‌ତା ପ୍ରକଟ୍ କରିଛନ୍ । ଇହାଦେ ଶେଷ୍ ହେଇଥିବା ଶୀତ୍‌କାଲୀନ୍ ଅଧିବେଶନ୍‌ରେ ବିକଶିତ ଭାରତ୍ ଜି ରାମ୍ ଜି ବିଲ୍ ଶହେ ଦିନ୍ ବଦ୍‌ଲେ ଶହେ ୨୫ ଦିନର୍ କର୍ମନିଯୁକ୍ତି ଗ୍ୟାରେଂଟି ଦଉଥିବା ଶ୍ରୀ ଚୌହାନ୍ କହିଛନ୍ ।

ପରୀକ୍ଷା ପେ ଚର୍ଚ୍ଚା ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍‌ର ୯ ନମ୍ବର୍ ସଂସ୍କରଣ୍ ଆଏବା ଜାନୁଆରୀ ମାସ ହେବା । ଇତାର୍ ଜରିଏ ଛାତ୍ରଛାତ୍ରୀ ମାନେ ପରୀକ୍ଷା ଆଘୋନୁ ତାଙ୍କର୍ ମାନସିକ ଚାପ, ଡର୍ ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ସାଙ୍ଗେ ସିଧାସଲଖ୍ ବିଚାର୍ ବିନିମୟ କର୍‌ବେ । ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍ ଲାଗି ଡିସେମ୍ବର୍

୧ ନୁ ଆଏବା ଜାନୁଆରୀ ୧୧ ତାରିଖ୍‌ତକ୍ ମାଇ ଗଭ୍ ପୋର୍ଟାଲ୍‌ଥି ଅନ୍‌ଲାଇନ୍ ଏମ୍‌ସିକ୍ୟୁ ଆଧାରିତ୍ ପ୍ରତିଯୋଗିତାର୍ ଆୟୋଜନ୍ କରାଯାଉଛେ । ଇଥି ୬ ନୁ ୧୨ ଶ୍ରେଣୀତକ୍ ଛାତ୍ରଛାତ୍ରୀ, ଶିକ୍ଷକ୍ ଆଉ ଅଭିଭାବକ୍‌ମାନେ ଭାଗ୍ ନେଇପାର୍‌ବେ ।

ଜନଅଭିଯୋଗ୍ ଶୁଣାଣି I&PR

ଭୁବ୍‌ନେଶ୍ୱର୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଜନଅଭିଯୋଗ୍ ଶୁଣାଣି ଆଏବା କାଏଲ୍ ବନ୍ଦ୍ ରହେବା । ଅଲ୍‌ଗା ଜରୁରୀ କାମ୍ ଥିବାର୍‌ନୁ ଶିବିର୍‌କେ ବନ୍ଦ୍ ରଖାଯାଇଛେ । ଆଏବା ଶୁଣାଣି ତାରିଖ୍ ଖୋବ୍‌ଜଲ୍‌ଦି ଜନସାଧାରଣ୍‌ଙ୍କୁ ଗଣମାଧ୍ୟମ୍ ଜରିଏ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ୍ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

କେ.ଭି. ସିଂହଦେଓ- ଓପିଜିସି ଏକ୍ସ

ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଏଜ୍ ଦିନ୍‌କିଆ ଝାର୍‌ସୁଗୁଡ଼ା ଜିଲ୍ଲା ଗସ୍ତଥି ଆସିକରି ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ୍ ନିଗମ୍ ଲିମିଟେଡ୍ - ଓପିଜିସି ର ସମ୍ପ୍ରସାରଣ୍

ସହେତେ ଖାର୍ ପରିଚାଲନା ବାବ୍‌ଦେ ବିସ୍ତୃତ୍ ସମୀକ୍ଷା କରିଛନ୍ । ଇତାର୍‌ସହେତେ ଓଡ଼ିଶା କୁଇଲା ଆଉ ପାଓ୍ୱାର୍ ଲିମିଟେଡ୍ - ଓପିସିଏଲ୍‌ର କୁଇଲା ପରିବହନ୍ ବ୍ୟବସ୍ଥାର୍ ଭିଲ୍ ସମୀକ୍ଷା କରିଛନ୍ । ଇ ଅବ୍‌ସରେ ବର୍‌ଗଡ୍ ସାଂସଦ୍ ପ୍ରଦୀପ୍ ପୁରୋହିତ୍ ଆଉ ଝାର୍‌ସୁଗୁଡ଼ା ବିଧାୟକ୍ ଟଙ୍କଧର୍ ତ୍ରିପାଠୀ ଭିଲ୍ ଉପସ୍ଥିତ୍ ଥିଲେ ।

ଧ୍ୟାନ ଦିବସ          ଆର୍‌ଏନ୍‌ୟୁ/ କଟକ୍

ମାନସିକ ଚାପକେ କମାବାର୍ ଆଉ ଅନ୍ତର୍ନିହିତ୍ ଶାନ୍ତି ଲାଗି ଧ୍ୟାନ୍‌ର ଉପକାରିତା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲକ୍ଷ୍ୟଥି ଆଏଜ୍ ବିଶ୍ୱ ଧ୍ୟାନ ଦିବସ୍ ପାଲନ୍ କରାଯାଉଛେ । ଜାତିସଂଘ ସାଧାରଣ ସଭା ପରିଷଦ୍‌ଥି ଡିସେମ୍ବର୍ ୨୧ ତାରିଖ୍‌କେ ଇ ଦିବସ୍ ପାଲନ୍ ଲାଗି ନିଷ୍ପତି ନିଆଯାଇଥିଲା । ଗଲାବଛର୍ ପହେଲାଥର୍ ଲାଗି ଇ ଦିବସ୍ ପାଲିତ୍ ହେଇଥିଲା । 'ଆଭ୍ୟନ୍ତରିଣ ଶାନ୍ତି, ବିଶ୍ୱ ସମନ୍ୱୟ ଆଉ ପୁର୍‌ଥିକେ ସୁସ୍ଥ ରଖ୍‌ବାର୍ ଲାଗି ନିଜର୍ ଚେରେଷ୍ଟା' ଇ ବଛର୍ ଇ ଦିବସ୍‌ର ବାର୍ତା ରହିଛେ । ମନର୍ ଭିନ୍ ଭିନ୍ ଅବସ୍ଥା ଭିତ୍‌ରେ ସମାନତା ରଖ୍‌ବାର୍‌ଟା ଧ୍ୟାନ୍‌ର ପ୍ରକୃତ୍ ଉଦ୍ଦେଶ୍ୟ । ଇ ପ୍ରାଚୀନ ଭାରତୀୟ ଅଭ୍ୟାସ୍, ମାନସିକ ଆଉ ଶାରୀରିକ୍ ଅଭ୍ୟାସ୍‌କେ ତହଁକାବାର୍ ସହେତେ ଚାପକେ କମ୍ କର୍‌ବାର୍ ଲାଗି ଆଭ୍ୟନ୍ତରିଣ ଶାନ୍ତି ଲାଗି

ବାଟ୍ ଖୁଲ୍‌ସି । ଇ ଅବ୍‌ସରେ ଭିନ୍ ଭିନ୍ ସଂଗଠନ୍ ତର୍‌ଫୁ ଖାସ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ ।

ବାଲ୍‌ବୈଜ୍ଞାନିକ୍ ପ୍ରଦର୍ଶନୀ ହି.ସ.

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ଆଏଜ୍ ବ୍ରଜ୍‌ରାଜ୍‌ନଗର୍ ଓପିଏମ୍ ସର୍‌କାରୀ ଉଚ୍ଚବିଦ୍ୟାଳୟ ପରିସର୍ ନ ହେଇଥିବା ଜିଲ୍ଲାସ୍ତରୀୟ ବାଲ୍‌ବୈଜ୍ଞାନିକ୍ ପ୍ରଦର୍ଶନୀ ୨୦୨୫ ଥି ଯୋଗ୍ ଦେଇଛନ୍ । ଇ ଅବ୍‌ସରେ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା ଭିଲ୍ ଉପସ୍ଥିତ୍ ଥିଲେ । ଦୁହି ଝନ ମନ୍ତ୍ରୀ ଛାତ୍ରଛାତ୍ରୀମାନ୍‌କର୍ ତର୍‌ଫୁ ପ୍ରଦର୍ଶିତ୍ ଭିନ୍ ଭିନ୍ ବୈଜ୍ଞାନିକ୍ ମୋଡ଼େଲ୍ ଆଉ ନୂଆଁ ଚିନ୍ତାଧାରାକେ ବୁଲି ଦେଖିକରି ସେମାନ୍‌କର୍ ପ୍ରତିଭାର୍ ପ୍ରଶଂସା କରିଛନ୍ ।

ଶିଶୁ ମେଳା ବୌଦ୍ଧ ସମ୍ବାଦଦାତା

ଓଡ଼ିଶା ମାଧ୍ୟମିକ୍ ସ୍କୁଲ୍ ଶିକ୍ଷକ୍ ସଂଘ - ଓଷ୍ଟା ବୌଦ୍ଧ ଜିଲ୍ଲା ସଂଗଠନ୍ ତର୍‌ଫୁ ଜିଲ୍ଲାସ୍ତରୀୟ ଶିଶୁ ମେଳା ହେଇଯାଇଛେ । ଉସ୍ବଥି ଜିଲ୍ଲାର୍ ଭିନ୍ ଭିନ୍ ଉଚ୍ଚବିଦ୍ୟାଳୟର୍ ଶହେ ନୁ ଅଏତ୍‌କା ପ୍ରତିଯୋଗୀ ଭାଗ୍ ନେଇଥିଲେ । ପ୍ରତିଯୋଗିତାଥି

ଶ୍ରେଷ୍ଠ ୫ନେ ଲେଖା ପ୍ରତିଯୋଗୀଙ୍କୁ କଟକ୍ ଠାନେ ହେବାର୍କେ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାଥି ଭାଗ୍ ନେବାର୍ ଲାଗି ବଛାଯାଇଥିଲା ।

ପ୍ରାଣୀସମ୍ପଦ୍ ବିକାଶ୍ ସମୀକ୍ଷା ହି.ସ.

ନୂଆପଡ଼ା ଜିଲ୍ଲା ପ୍ରାଣୀସମ୍ପଦ୍ ବିକାଶ୍ ବିଭାଗ୍ର ଗୁଟେ ସମୀକ୍ଷା ବୈଠକ୍ ଆଏଜ୍ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ ଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ଇ ଅବ୍ସରେ ଜିଲ୍ଲାପାଲ୍ ଜିଲ୍ଲାର୍ ସଫଲ୍ ପ୍ରାଣୀସମ୍ପଦ୍ ଚାଷୀମାନ୍କୁ ସମ୍ମାନିତ୍ କରିଥିଲେ । ଏନ୍ତା କାର୍ଯ୍ୟକ୍ରମ୍ ଫି ମାସ କରିକରି ଜିଲ୍ଲା ନ ଅଏତ୍କା କୃଷି ଉଦ୍ୟୋଗୀ ସୃଷ୍ଟି କର୍ବାର୍ ଲାଗି ଜିଲ୍ଲାପାଲ୍ ବିଭାଗୀୟ ଅଧିକାରୀମାନ୍କୁ ଆହ୍ୱାନ୍ ଦେଇଛନ୍ ।

ମଡ଼ିଆ କ୍ଷେତ୍ର ଦିବସ୍  ପାଲନ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ହର୍ଭଙ୍ଗା ବ୍ଲକ୍ ଶଙ୍କୁଲେଇ ପଂଚାୟତ୍ ବୁଲୁରା ଗାଁ ନ ଜିଲ୍ଲା କୃଷି ବିଭାଗ୍ ଆଉ ଶ୍ରୀଅନ୍ନ ଅଭିଯାନ୍ ସହଯୋଗ୍ଥି ମଡ଼ିଆ କ୍ଷେତ୍ର ଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍ସରେ ଗୁଟେ ସଚେତନତା ସଭା ଭିଲ୍ କରାଯାଇଥିଲା । ଶ୍ରୀଅନ୍ନ ଅଭିଯାନ୍ଥି ଭିନ୍ ଭିନ୍ ସର୍କାରୀ ସାହାଜ୍ ସହେତେ

ପାରମ୍ପାରିକ୍ ଆଉ ଜୈବିକ୍ ଚାଷ୍ ଜରିଏ ଚାଷ୍ କରିକରି ପୁଷ୍ଟିକର୍ ଖାଏବାର୍ ଦରବ୍ ବିକିକରି ଲାଭ୍‌ବାନ୍ ହେବାର୍‌କେ ଅତିଥି ମାନେ ପରାମର୍ଶ ଦେଇଛନ୍ ।

ବାଘ୍ ଗନ୍‌ନା ବୌଦ୍ଧ ସମ୍ବାଦଦାତା

ମହାନଦୀ ବନ୍ୟପ୍ରାଣୀ ନୟାଗଡ଼୍ ଡିଭିଜନ୍‌ର ବୌଦ୍ଧ ଜିଲ୍ଲା କୁସଙ୍ଗ ରେଞ୍ଜ୍‌ର ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟ ନ ୨୦୨୫ ବଛର୍ ଲାଗି ବାଘ୍ ଗନ୍‌ତି ମୁଲ୍ ହେଇଛେ । ଫି’ ବଛର୍ ବାଗିର୍ ଇ ବଛର୍ ରେଞ୍ଜ୍ ଅଧୀନ୍‌ଥି ଥିବା କୁସଙ୍ଗ, କୁମାରୀ, ଅତଲ୍‌ସରା, ଶୀତଲ୍‌ପାଣି, ସୁନାଖଣିଆ, ମାରଡ଼ା, ପଦ୍ମତୋଳା, ଶ୍ରୀପାଜୁ, ହିଞ୍ଜଲ, ନନ୍ଦାଗାଡୁ ଆଉ ନୂଆପଡ଼ା ବାଗିର୍ ଇଲାକା ନ ବାଘ୍ ଗନ୍‌ତି କରାଯାଉଛେ । ଫି’ ବିଟ୍ ପିଛା ୩ ଝନ୍ ଲେଖା ୧୧ ଟା ବିଟ୍‌ଥି ୩୩ ଝନ୍ ବନ କର୍ମଚାରୀ ଗନ୍‌ତି କାମ୍‌ଥି ଲାଗିଛନ୍ । ପହେଲା ୩ ଦିନ୍ ମାଂସାସୀ ଆଉ ବାକି ୩ ଦିନ୍ ତୃଣଭୋଜୀ ପ୍ରାଣୀମାନ୍‌କର୍ ଗନ୍‌ତି କରାଯିବା ବଲି ରେଞ୍ଜ୍ ଅଧିକାରୀ ସୂଚ୍‌ନା ଦେଇଛନ୍ ।

ପାଣିପାଗ ମାର୍ଗଦର୍ଶିକା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଲହରୀ ଜାରି ରହିଛେ । ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ୨୪ ଘଂଟା ଭିତ୍ରେ ଘନାକୁହୁଡ଼ି ହେବାର୍ ନେଇକରି ଝାର୍ସୁଗୁଡ଼ା, ସୁନ୍ଦର୍ଗଡ୍, କେନ୍ଦୁଝର୍ ଆଉ କନ୍ଧମାଲ୍ ଜିଲ୍ଲାକେ ସତର୍କ ସୂଚ୍ନା ଜାରି କରାଯାଇଛେ । ଆଏବା ୭ ଦିନ୍ତକ୍ ସବୁନୁ କମ୍ ତାପମାତ୍ରାଥି କେନ୍ସି ବଡ଼ ପରିବର୍ତନ୍ ହେବାର୍ ସମ୍ଭାବନା ନାଇଁନ ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ କୁହାଯାଇଛେ । ଇ ବାବ୍ଦେ ଅଏତ୍କା ସୂଚ୍ନା ଦେଇକରି ପାଣିପାଗ୍ କେନ୍ଦ୍ର ବୈଜ୍ଞାନିକ୍ ସଞ୍ଜିବ୍ ଦ୍ୱିବେଦୀ ଆକାଶ୍ବାଣୀକେ କହିଛନ୍,

(ଭଏସ୍ ଓଭର୍- ସଞ୍ଜିବ୍ ଦ୍ୱିବେଦୀ)

ସେଆଡ଼େ ରାଏଜେ ବହଲିଆ କୁହୁଡ଼ି ଆଶଙ୍କା ଥିବା ୬ ଟା ଜିଲ୍ଲା ସମ୍ବଲ୍ପୁର୍, ଝାର୍ସୁଗୁଡ଼ା, କଲାହାଣ୍ଡି, କନ୍ଧମାଲ୍, ସୁନ୍ଦର୍ଗଡ୍ ଆଉ କୋରାପୁଟ୍ ଜିଲ୍ଲାର୍ ଆଂଚଲିକ୍ ପରିବହନ୍ ଅଧିକାରୀମାନ୍କୁ ରାଜ୍ୟ ପରିବହନ୍ ବିଭାଗ୍ ତର୍ଫୁ ମାର୍ଗଦର୍ଶିକା ଜାରି କରାଯାଇଛେ । ଖାସ୍ କରି ଇସବୁ ଜିଲ୍ଲାର୍ ବିଭାଗୀୟ ଅଧିକାରୀମାନ୍କୁ ଖାସ୍ ପଦକ୍ଷେପ୍ ନେବାର୍ ଲାଗି ପରାମର୍ଶ ଦିଆଯାଇଛେ । କୁହୁଡ଼ି ବେଲ୍କେ ଗାଡ଼ି ଚଲାବାର୍କେ ନେଇକରି ଗୁଟେ ଖାସ୍ ନିୟମ୍ ପାଲନ୍ କର୍ବାର୍କେ ବିଭାଗ୍ ତର୍ଫୁ ଜନସାଧାରଣ୍କେ ମାର୍ଗଦର୍ଶିକା ଜରିଏ ଜନେଇ ଦିଆଯାଇଛେ ।